# REGIONAL NEWS UNIT, AIR CUTTACK

## Mid-day Bulletin (4.00PM)

### 10 May - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି କରିବେ ନିର୍ବାଚନ ପ୍ରଚାର
- ଓଡ଼ିଶା ହାଇକୋର୍ଟ ସମେତ ବିଭିନ୍ନ ଅଦାଲତରେ ଆସନ୍ତାକାଲି ଅନୁଷ୍ଠିତ ହେବ ଚଳିତବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ
- ପବିତ୍ର ଅକ୍ଷୟ ତୃତୀୟାରେ ଆଜିଠାରୁ ଶ୍ରୀଜୀଉମାନଙ୍କର ୨୧ ଦିନିଆ ଚନ୍ଦନଯାତ୍ରା ଆରମ୍ଭ; ରାଜ୍ୟର ବିଭିନ୍ନ ସ୍ଥାନରେ ଅକ୍ଷିମୁଠି ଅନୁକୂଳ

ଏବଂ

- କାଳବୈଶାଖୀ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସନ୍ଧ୍ୟାରେ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରଠାରେ ପହଞ୍ଚିବେ । ସେଠାରୁ ଶ୍ରୀ ମୋଦୀ ଦଳୀୟ କାର୍ଯ୍ୟାଳୟକୁ ଯିବାର କାର୍ଯ୍ୟସୂଚୀ ରହିଛି । ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବାଣୀବିହାର ପର୍ଯ୍ୟନ୍ତ ଶ୍ରୀ ମୋଦୀ ଏକ ରୋଡ୍ ଶୋ'ରେ ଭାଗ ନେବେ । ଏଥିପାଇଁ କମିଶନରେଟ୍ ପୁଲିସ୍ ପକ୍ଷରୁ ଜନପଥ ମାଷ୍ଟରକ୍ୟାଣ୍ଟିନ୍‌ରୁ ବାଣୀବିହାର ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ୍ କଟକଣା କରାଯାଇଛି। ଅପରାହ୍ଣ ୪ଟାରୁ ରୋଡ୍ ଶୋ' ଶେଷ ହେବା ପର୍ଯ୍ୟନ୍ତ ବାଣୀ ବିହାରରୁ ମାଷ୍ଟରକ୍ୟାଣ୍ଟିନ୍ ରାସ୍ତା ବନ୍ଦ ରହିବ। ଏଥିସହ ଜନପଥକୁ ସଂଯୋଗ କରୁଥିବା ଗଳିରାସ୍ତାରୁ ଗାଡିଗୁଡ଼ିକୁ ରାସ୍ତାକୁ ନ ଯିବା ପାଇଁ ବ୍ୟବସ୍ଥା କରାଯାଇଛି। ରୋଡ୍ ଶୋ' ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ରାଜଭବନରେ ରାତ୍ରିଯାପନ କରିବେ।

ଆସନ୍ତାକାଲି ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ଫୁଲବାଣୀ, ବଲାଙ୍ଗିର ଏବଂ ବରଗଡ଼ରେ ନିର୍ବାଚନ ସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି।

## ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା

ରାଜ୍ୟରେ ଚତୁର୍ଥ ତଥା ଦେଶରେ ସପ୍ତମ ପର୍ଯ୍ୟାୟ ନିର୍ବାଚନ ପାଇଁ ଜୁନ୍ ୧ ତାରିଖରେ ମତଦାନ ହେବ। ଏଥିପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ଏହି ପର୍ଯ୍ୟାୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର,

କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ମତଦାନ ହେବ। ଆସନ୍ତା ୧୪ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିଥିବାବେଳେ ୧୫ ତାରିଖ ନାମାଙ୍କନପତ୍ର ଯାଞ୍ଚ ଓ ୧୭ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଶେଷ ତାରିଖ ରହିଛି।

ଏହି କ୍ରମରେ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ର ପାଇଁ ବିଜେପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଆଜି କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଜେପିର ରାଜ୍ୟ ସଭାପତି ତଥା ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ମନମୋହନ ସାମଲ ଭଦ୍ରକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ନିମାପଡା କଂଗ୍ରେସ ପ୍ରାର୍ଥୀ ସିଦ୍ଧାର୍ଥ ରାଉତରାୟ ନିଜର ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ କୋରେଇ ବିଜେପି ବିଧାୟକ ପ୍ରାର୍ଥୀ ଆକାଶ ଦାସନାୟକ ଯାଜପୁର ଟାଉନ୍‌ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

## ରାଜନାଥ ସିଂଙ୍କ ଗସ୍ତ

କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି। ଅପରାହ୍ନ ୪ଟା ୩୦ ମିନିଟ୍‌ରେ ଶ୍ରୀ ସିଂ ରଣପୁରର ପଞ୍ଚୁଦଳ ପଡିଆରେ ଜନସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି।

# ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା

ରାଜ୍ୟରେ ଚତୁର୍ଥ ତଥା ଦେଶରେ ସପ୍ତମ ପର୍ଯ୍ୟାୟ ନିର୍ବାଚନ ପାଇଁ ଜୁନ୍ ୧ ତାରିଖରେ ମତଦାନ ହେବ। ଏଥିପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ଏହି ପର୍ଯ୍ୟାୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ମତଦାନ ହେବ। ଆସନ୍ତା ୧୪ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିଥିବାବେଳେ ୧୫ ତାରିଖ ନାମାଙ୍କନପତ୍ର ଯାଞ୍ଚ ଓ ୧୭ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଶେଷ ତାରିଖ ରହିଛି।

ଏହି କ୍ରମରେ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ର ପାଇଁ ବିଜେପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଆଜି କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଜେପିର ରାଜ୍ୟ ସଭାପତି ତଥା ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ମନମୋହନ ସାମଲ ଭଦ୍ରକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ନିମାପଡା କଂଗ୍ରେସ ପ୍ରାର୍ଥୀ ସିଦ୍ଧାର୍ଥ ରାଉତରାୟ ନିଜର ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ କୋରେଇ ବିଜେପି ବିଧାୟକ ପ୍ରାର୍ଥୀ ଆକାଶ ଦାସନାୟକ ଯାଜପୁର ଟାଉନ୍‌ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

## ମତଦାନ ପାଇଁ ନିବେଦନ

ଆଗାମୀ ନିର୍ବାଚନରେ ସମସ୍ତ ଭୋଟରମାନେ ନିଶ୍ଚିତ ମତଦାନ କରିବାକୁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିବେଦନ କରିଛନ୍ତି। ବଡ଼ଦାଣ୍ଡସ୍ଥିତ ମାର୍କେଟ୍ ଛକଠାରେ ସୁଇପ୍ ବା ସିଷ୍ଟମେଟିକ୍ ଭୋଟର୍ସ ଏଜୁକେସନ ଇଲେକ୍ଟ୍ରସ୍ ପାଟିସ୍‌ପେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ନିର୍ବାଚନ ଗଣତନ୍ତ୍ରର ଏହି ମହାନ୍ ପର୍ବରେ ପ୍ରତ୍ୟେକ ଭୋଟର ସାମିଲ ହୋଇ ନିଜର ମୂଲ୍ୟବାନ ଭୋଟକୁ ସାବ୍ୟସ୍ତ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ଆସନ୍ତା ୨୫ ତାରିଖରେ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ନିର୍ବାଚନମଣ୍ଡଳୀ ପାଇଁ ଜୁନ୍ ୧ ତାରିଖରେ କାକଟପୁର, ନିମାପଡା ନିର୍ବାଚନମଣ୍ଡଳୀ ପାଇଁ ନିଶ୍ଚିତ ମତଦାନ କରିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ଅବସରରେ କୁନି କଳାକାରମାନେ ନୃତ୍ୟ ମାଧ୍ୟମରେ ମତଦାନ ପାଇଁ ସଚେତନତାର ବାର୍ତ୍ତା ଦେଇଥିଲେ।

## ବିଧାନସଭା  ନିର୍ବାଚନ-କଟକ

ନିର୍ବାଚନ କମିଶନଙ୍କ ପକ୍ଷରୁ କଟକ ଜିଲ୍ଲାରେ ଗୋଟିଏ ଲୋକସଭା ଓ ୯ ବିଧାନସଭା ଆସନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ କଟକ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ତିନୋଟି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର ରାଜନୈତିକ ପ୍ରସ୍ତୁତି ଆରମ୍ଭ

ହୋଇଛି । ନିର୍ବାଚନ ସମ୍ପର୍କିତ ତଥ୍ୟକୁ ନେଇ ଆମ **କଟକ** ସମ୍ବାଦଦାତା **କାଳୀପ୍ରସନ୍ନ ଶତପଥୀ**ଙ୍କ ରିପୋର୍ଟ....

# - V/O -

## ନିର୍ବାଚନ

**ଗଞ୍ଜାମ** ଜିଲ୍ଲାରେ ଆସନ୍ତା ୧୩ ତାରିଖ ସୋମବାର ଦିନ ବ୍ରହ୍ମପୁର ଲୋକସଭା ଏବଂ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି ଓ ଚିକିଟି ବିଧାନସଭା ଆସନ ପାଇଁ ମତଦାନ ହେବ। ଅପ୍ରୀତିକର ପରିସ୍ଥିତ ରୋକିବା ଲାଗି ଜିଲ୍ଲାସ୍ତରରେ ଆସନ୍ତା ସୋମବାର ୭୦୩ଟି ବୁଥ୍‌ରେ ୱେବ୍‌କାଷ୍ଟ କରାଯିବ। ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛନ୍ତି।

## ରାଷ୍ଟ୍ରୀୟ ଲୋକଅଦାଲତ

ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଆସନ୍ତାକାଲି ଅନୁଷ୍ଠିତ ହେବ। ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟରେ ଥିବା ବିଭିନ୍ନ ଅଦାଲତଗୁଡ଼ିକରେ ଆପୋଷ ବୁଝାମଣା ମାଧ୍ୟମରେ ମାମଲାର ସମାଧାନ କରାଯିବ। କଟକସ୍ଥିତ ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଆସନ୍ତାକାଲି ଓଡ଼ିଶା ହାଇକୋର୍ଟ ସମେତ ବିଭିନ୍ନ ଅଦାଲତରେ ପ୍ରାୟ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ମାମଲା ଲୋକ ଅଦାଲତରେ ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଛି। ସମସ୍ତ ଅଦାଲତରେ ପ୍ରତ୍ୟକ୍ଷ ଭାବେ ମାମଲାଗୁଡ଼ିକର ଶୁଣାଣି କରାଯିବ। ହାଇକୋର୍ଟରେ ୭ ଜଣ ବିଚାରପତି

ବିଭିନ୍ନ ପ୍ରକାର ମାମଲାର ଶୁଣାଣି କରିବେ। କଟକ ଜିଲ୍ଲା ଜଜ୍‌କୋର୍ଟରେ ମଧ୍ୟ ଆସନ୍ତାକାଲି ମାମଲାର ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଥିବା ଜଣାପଡିଛି।

## ଅକ୍ଷୟ ତୃତୀୟା/ ଶୀତଳଷଷ୍ଠୀ

ଆଜି ପବିତ୍ର ଅକ୍ଷୟ ତୃତୀୟା । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟ ତିଥିକୁ ଶୁଭଦିନ ଭାବେ ଗଣନା କରାଯାଇ ଆଜି ଭିନ୍ନ ଭିନ୍ନ ଶୁଭକାର୍ଯ୍ୟର ଆରମ୍ଭ କରାଯାଇଥାଏ । କୃଷିଭିତ୍ତିକ ଏହି ପର୍ବରେ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରିଥାନ୍ତି ।

ଅକ୍ଷୟତୃତୀୟା ଅବସରରେ **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପରୋପକାର ପାଇଁ ଏହି ପର୍ବ ପ୍ରେରଣା ଯୋଗାଉଛି ବୋଲି ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି। ଦେଶର ସମସ୍ତ ପରିବାରବର୍ଗଙ୍କୁ ସେ ଅକ୍ଷିତୃତୀୟାର ଶୁଭକାମନା ଜଣାଇଛନ୍ତି। ଏହି ପର୍ବ ସମସ୍ତଙ୍କ ଜୀବନରେ ନୂଆ ଶକ୍ତି ଓ ଉତ୍ସାହ ଆଣିଦେଉ ବୋଲି ପ୍ରଧାନମନ୍ତ୍ରୀ କାମନା କରିଛନ୍ତି।

**ରାଜ୍ୟପାଳ** ରଘୁବର ଦାସ ରାଜ୍ୟବାସୀଙ୍କୁ ଅକ୍ଷୟ ବୈଭବ ଓ ସମୃଦ୍ଧିର ପର୍ବ ଅକ୍ଷୟତୃତୀୟାର ଶୁଭେଚ୍ଛା ଜଣାଇବା ସହ ମା' ଲକ୍ଷ୍ମୀ ସମସ୍ତଙ୍କୁ ସୁଖ ସୌଭାଗ୍ୟ ଓ ସମୃଦ୍ଧି ପ୍ରଦାନ କରନ୍ତୁ ବୋଲି କାମନା କରିଛନ୍ତି।

**ମୁଖ୍ୟମନ୍ତ୍ରୀ** ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଅକ୍ଷୟତୃତୀୟା ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ ଚାଷୀଭାଇମାନଙ୍କର ଅକ୍ଷିମୁଠି ଅନୁକୂଳ ଶୁଭଙ୍କର ହେଉ ବୋଲି

ସେ ତାଙ୍କ ବାର୍ତ୍ତାରେ କହିଛନ୍ତି । ଚଳିତବର୍ଷ ଭଲ ଫସଲ ସମସ୍ତଙ୍କ ଜୀବନରେ ସୁଖ ସମୃଦ୍ଧି ଆଣିଦେଉ ବୋଲି କାମନା କରିଛନ୍ତି ।

ପବିତ୍ର ଅକ୍ଷୟତୃତୀୟା ଅବସରରେ **କେନ୍ଦ୍ରମନ୍ତ୍ରୀ** ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ହୀରାକୁଦ ନିକଟସ୍ଥ ସାପଲହରା ଗାଁରେ ଜମିରେ ଧାନବୁଣି ଅକ୍ଷିମୁଠି ଅନୁକୁଳ କରିଛନ୍ତି । ଜମିରେ ଧାନ ବୁଣି ଅକ୍ଷିମୁଠି ଅନୁକୂଳ କରିଛନ୍ତି । ସେହିପରି ବିଜେଡି ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ମଧ୍ୟ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ଢ଼ରୋପାନୀ ଗାଁରେ ଅକ୍ଷିମୁଠି ଅନୁକୂଳ କରିଛନ୍ତି ।

ଅକ୍ଷୟତୃତୀୟାରେ ଆଜିଠାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବାହାର ଚନ୍ଦନଯାତ୍ରା ଆରମ୍ଭ ହେଉଛି । ଏହି ଯାତ୍ରା ୨୧ ଦିନ ବ୍ୟାପି ପର୍ଯ୍ୟନ୍ତ ଚାଲିବ । ଅକ୍ଷୟ ତୃତୀୟା ତିଥିରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରଣୀରେ ଚାପ ଖେଳିବେ । ମହାପ୍ରଭୁଙ୍କର ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ାଯାତ୍ରା, ସୁନାବେଶ ଓ ନିଳାଦ୍ରୀବିଜେ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲିଛି । ଆଜିର ପୁଣ୍ୟ ତିଥିରେ ମହାପ୍ରଭୁଙ୍କର ରଥକାଠ ଅନୁକୂଳ ହେବ । ଅପରାହ୍ଣ ୪ଟାରେ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ରଥଖଳାକୁ ଆସିବା ପରେ ସୁବର୍ଣ୍ଣ କୁରାଢ଼ୀରେ ତିନି ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯିବା ନେଇ ସୂଚନା ମିଳିଛି ।

ସେହିପରି ଆଜିଠାରୁ ମା' ଶାରଳାଙ୍କର ୨୧ ଦିନ ବ୍ୟାପୀ ଚନ୍ଦନଯାତ୍ରା ଆରମ୍ଭ ହୋଇଛି। ଚଳିତବର୍ଷ ଚନ୍ଦନଯାତ୍ରାରେ ବାଣ ନ ଫୁଟାଇବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୩୦ ତାରିଖରେ ଲଟାଭଉଁରୀ ଚାପଖେଳ ଓ ୩୧ ତାରିଖରେ ହଳଦୀ ଖେଳ କରାଯାଇ ଚନ୍ଦନଯାତ୍ରାର ଉଦ୍‌ଯାପନ ହେବ।

ସେହିଭଳି ପଶ୍ଚିମ ଓଡ଼ିଶାର ଆଦ୍ୟପର୍ବ ଶୀତଳଷଷ୍ଠୀ ଯାତ୍ରାର ଥାଳ ଉଠା ପର୍ବ ଆଜି ପବିତ୍ର ଅକ୍ଷୟ ତୃତୀୟାରେ ସମ୍ବଲପୁରରେ ଆରମ୍ଭ ହେଉଛି। ମା' ପାର୍ବତୀଙ୍କର ପିତା ମାତା ଚୟନ ଏବଂ ଶିବଙ୍କର ପିତାମାତାଙ୍କ ସହିତ ଆଜିର କାର୍ଯ୍ୟକ୍ରମରେ ଥାଳଉଠା ପର୍ବ ହେବ । ଆସନ୍ତା ଏକମାସ  ମଧ୍ୟରେ ଦେବଦମ୍ପତିଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ ହେବ । ସମ୍ବଲପୁର ଝାଡୁଆପଡ଼ାର ଲୋକନାଥ ବାବା, ନନ୍ଦପଡ଼ାର ବମ୍ ବରାଡ଼ ବାଲୁଙ୍କେଶ୍ୱର ବାବା, ମୋଦିପଡ଼ାର ଯାଗେଶ୍ୱର ବାବାଙ୍କ ସହିତ ଅନ୍ୟ କେତେକ ସ୍ଥାନରେ ଶୀତଳଷଷ୍ଠୀ ଯାତ୍ରାର ଆୟୋଜନ କରାଯାଇଛି । ଏହି ପବିତ୍ର ଅକ୍ଷୟତୃତୀୟ ଶୁଭଦିନ ହୋଇଥିବାରୁ ବିବାହ, ବ୍ରତୋତ୍ସବ, ବୃକ୍ଷରୋପଣ, ଗୃହପ୍ରତିଷ୍ଠା ଆଦି କାର୍ଯ୍ୟକ୍ରମ କରାଯାଇଥାଏ।

## କୃଷିଦିବସ

**ସୁବର୍ଣ୍ଣପୁର** ଜିଲ୍ଲା କୃଷିବିଜ୍ଞାନ କେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ କୃଷିଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ପାରମ୍ପରିକ ପୂଜାର୍ଚ୍ଚନା ପରେ ଅକ୍ଷିମୁଠି ଅନୁକୂଳ କରିଥିଲେ। ଚଳିତ ଖରିଫ୍

ଋତୁରେ କୃଷି ଆୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ କୃଷି ପ୍ରଧାନ ସୁବର୍ଣ୍ଣପୁର ଜିଲ୍ଲାରେ ଧାନ ସହ ଅଧିକ ଅର୍ଥନୈତିକ ଚାଷ ଉପରେ ଧ୍ୟାନ ଦେବାକୁ ଅତିରିକ୍ତ ଜିଲ୍ଲାପାଳ ଚାଷୀମାନଙ୍କୁ ଆହ୍ୱାନ କରିଛନ୍ତି ।

## ପ୍ରବେଶକାଳୀନ ପ୍ରଶିକ୍ଷଣ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଭୁବନେଶ୍ୱରଠାରେ ଓଡ଼ିଶା ଶିକ୍ଷା ସେବା ଅଧିକାରୀଙ୍କ ପ୍ରବେଶକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଶିକ୍ଷା ସେବା ଅଧିକାରୀମାନେ ବିଭିନ୍ନ କ୍ଷେତ୍ରରେ ପ୍ରଥମେ ନିଜର କର୍ତ୍ତବ୍ୟ ବିଷୟରେ ଅବଗତ ହେବା ପାଇଁ ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱଥି ଏସ୍. ଆହ୍ୱାନ ଦେଇଛନ୍ତି । ତାଲିମ୍‌ର ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବିବିଧ ଶିକ୍ଷଣ ଉପରେ ପରୀକ୍ଷା କରାଯାଇ ବିଭିନ୍ନ କ୍ଷେତ୍ରରେ ସର୍ବୋଚ୍ଚ କୃତି ଶିକ୍ଷା ସେବା ଅଧିକାରୀମାନଙ୍କୁ ମାନପତ୍ର, ଫଳକ ଓ ଟ୍ରଫି ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଛି ।

## ପାଣିପାଗ

କାଳବୈଶାଖୀ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଜିଲ୍ଲାରେ ଝଡବର୍ଷା ହେବା ନେଇ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, ଗଞ୍ଜାମ, ଅନୁଗୁଳ, ଢେଙ୍କାନାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, କୋରାପୁଟ, ମାଲକାନଗିରି, ରାୟଗଡ଼ା, କନ୍ଧମାଳ

ଆଦି ଜିଲ୍ଲାର କେତେକ ସ୍ଥାନରେ  ୩୦ ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ଘଡ଼ଘଡ଼ି ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

*******************************